**୯.୦୭ ଗ୍ରାମ୍ ବ୍ରାଉନସୁଗାର ଜବତ: ୨ ଗିରଫ**

ପାରାଦୀପ,(ସ୍ୱ.ପ୍ର.): ନୂଆବଜାରସ୍ଥିତ ଷଣ୍ଢ ଛକ ପାଖରେ ବ୍ରାଉନ୍‌ସୁଗାର ବିକ୍ରିବେଳେ ପୋଲିସ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୂଆବଜାର ଅଞ୍ଚଳର ମନୋରଞ୍ଜନ ନାୟକ ଓ ଛୋଟୁ ରାୟ। ଛୋଟୁଙ୍କ ଘର ବିହାରରେ ହୋଇଥିବା ବେଳେ ନୂଆବଜାରରେ ଦୀର୍ଘଦିନ ହେବ ରହିଆସୁଥିଲେ। ସେମାନଙ୍କଠାରୁ ୯.୦୭ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୩୦୩/୨୧) ରୁଜୁ କରାଯାଇଛି।



## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଧମକ, ଯୁବକ ଗିରଫ

ପାଣିକୋଇଲି,୨୭ା୧୨(ଡି.ଏନ.ଏ.): ପାଣିକୋଇଲି ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗାଁର ମହିଳାମାନଙ୍କୁ ହତ୍ୟା ଧମକ ଦେବା, ଅଶ୍ଳୀଳ ଇଙ୍ଗିତ କରିବା ଓ ଚୋରି ଘଟଣାରେ ତାଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ହେଲେ କରଦା ପଞ୍ଚାୟତ ବର୍ତ୍ତମଣା ଗ୍ରାମର ବିବେକାନନ୍ଦ ସାହୁ (୨୮) । ବର୍ତ୍ତମଣା ଗ୍ରାମର କେଶବ ସାହୁଙ୍କ ଅଭିଯୋଗ ମୁତାବକ୍କୁ ବିବେକାନନ୍ଦ ଶନିବାର ରାତିରେ ଗାଁ ମହିଳାଙ୍କ ବାହାରେ ଶୁଖୁଥିବା ଲୁଗାପଟା ଓ ଚେୟାର ଚୋରି କରିନେଇଥିଲେ । ତାଙ୍କ ବାଡିରେ ସମସ୍ତ ଚୋରି ସାମଗ୍ରୀ ପଡିଥିବା ଦେଖି ମହିଳମାନେ ପାଟିତୁଣ୍ଡ କରିଥିଲେ । ଏହି ସମୟରେ ବିକେନ୍ଦାନନ୍ଦ ଘରୁ ପଦାକୁ ଆସି ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସଦାଚରଣ କରିଥିଲେ । ଏପରି କି ମହିଳାମାନଙ୍କୁ ସେ ହତ୍ୟା ଧମକ ଦେଇଥିଲେ।

### ସୁପରଭାଇଜର ନିଯୁକ୍ତିରେ ଅନିୟମିତତା

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ଯାଜପୁର ଟାଉନ,୨୭ା୧୨(ଡି.ଏନ୍.ଏ.): ଯାଜପୁର ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର ସୁପରଭାଇଜର ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ ଜିଲାର ଦଶରଥପୁର, ବିଂଝାରପୁର, ଧର୍ମଶାଳା ବ୍ଲକରେ ନିଯୁକ୍ତି ହୋଇଥିବା ଅଙ୍ଗନୱାଡି କର୍ମୀ ସୁପରଭାଇଜର ପଦବୀ ପାଇଁ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ସୁପରଭାଇଜର ପଦବୀ ପୂରଣ ପାଇଁ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ କରି ସୁଶୀଳାବାଳା ମଲ୍ଲିକ, ଲଳିତା ଜେନା, ପ୍ରମିଳା ମଲ୍ଲିକ,ସନ୍ଧ୍ୟାରାଣୀ ମଲ୍ଲିକ, ସାବିତ୍ରୀ ମଲ୍ଲିକ, ପଙ୍କଜିନୀ ମଲ୍ଲିକ, ସୁଡ଼ଲା ଜେନା ପ୍ରମୁଖ ଅଙ୍ଗନୱାଡି କର୍ମୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ମମିତାଙ୍କୁ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

କୋରେଇ,୨୭ା୧୨(ଡି.ଏନ.ଏ.): କଳାହାଣ୍ଡିର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ଦୀର୍ଘଦିନ ବିତିଗଲାଣି। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତି ଥିବା ଅଭିଯୋଗ କରି ଭାଜପା ତାଙ୍କ ବହିଷ୍କାର ଓ ଗିରଫ ଦାବି କରିଆସୁଛି। ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରବ ରହିଥିବାରୁ ମହିଳା ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଥିବା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ବିକ୍ରମ ବିଶ୍ୱାଳ କହିଛନ୍ତି। ଏହା ବିରୋଧରେ ଭାଜପା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରଖିଛି। ସୋମବାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଯୁବମୋର୍ଚ୍ଚା କର୍ମୀ ଏକ ଶୋଭାଯାତ୍ରାରେ ବରୁଣ୍ଡାଇ ଡାକଘରକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପଠାଇ ମମିତାଙ୍କୁ ନ୍ୟାୟ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ସଭାନେତ୍ରୀ ଜୟନ୍ତୀ ସାହୁ, ପଞ୍ଚାୟତ ସଭାପତି ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇ ବିଜେଡି ନେତାଙ୍କ ମାତୃ ବିୟୋଗ

ବାଲିଚନ୍ଦ୍ରପୁର,୨୭ା୧୨(ସ୍ୱ.ପ୍ର.): ଯାଜପୁର ଜିଲା ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଜେଡି ନେତା ତଥା ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କ ମାଆ ରାଜଲକ୍ଷ୍ମୀ ଲେଙ୍କାଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି । ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ ଲେଙ୍କାଙ୍କ ଭୁବନେଶ୍ୱର ବାସଭବନରେ ରହି ଚିକିତ୍ସିତ ହେଉଥିଲେ । ଏହି ଖବର ଜଣାପଡ଼ିବା ପରେ ବଡ଼ଚଣା ଅଞ୍ଚଳରେ ଶୋକଚ୍ଛାୟା ଖେଳି ଯାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱର ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ରାଜଲକ୍ଷ୍ମୀ ବଡ଼ଚଣାର ପୂର୍ବତନ ବିଧାୟକ ସ୍ୱର୍ଗତ ଧନଞ୍ଜୟ ଲେଙ୍କାଙ୍କ ପୁତ୍ରବଧୂ ଓ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବି ବିଶ୍ୱାଳଙ୍କ ମାଇଁ ଅଟନ୍ତି। ସେହିପରି ଜିଲା ବିଜେଡି ଉପସଭାପତି ଶାରଦା ପ୍ରସନ୍ନ ମହାନ୍ତିଙ୍କ ମାଆ ମନୋରମା ମହାନ୍ତି (୮୭)ଙ୍କ ରବିବାର ପରଲୋକ ହୋଇଯାଇଛି। ଗତ କିଛି ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଉଭୟଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଓଡ଼ିଶା ଆକ୍ୱା ପାଇଁ ବଢ଼ିଲା ବିପଦ

- ଭିତରକନିକା ସଂରକ୍ଷିତ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି
- ଇକୋ ସେନ୍ସିଟିଭ ଜୋନ୍ ପାଇଁ ଛାଡ଼ିନି ଫାଲ୍‌କନ
- ଫେବୃୟାରୀ ୭ରେ ଲୋକାୟୁକ୍ତରେ ଶୁଣାଣି

କେନ୍ଦ୍ରାପଡ଼ା ଅଫିସ, ୨୭ା୧୨

ପରିବେଶ ସମ୍ବେଦନଶୀଳ ଜୋନ୍‌ରେ ଚିଙ୍ଗୁଡ଼ି ଘେରି ପାଇଁ ଅନୁମତି ଦେବା ରାଜ୍ୟ ମତ୍ସ୍ୟ ବିଭାଗ ଓ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଭାରି ପଡ଼ିଛି। ଏହି ଜୋନ୍ ଅନ୍ତର୍ଗତ ମହାକାଳପଡ଼ା ବ୍ଲକ ଜଗତଯୋର ଅଞ୍ଚଳରୁ ଚିଙ୍ଗୁଡି ଚାଷ ପାଇଁ ଲିଜ ନେଇଥିବା ମେସର୍ସ ଫାଲକନ ମେରାଇନ ଏକ୍ସପୋର୍ଟ ଲିମିଟେଡ ହଟି ଯାଇଥିବା ବେଳେ ବଣପଦା ଅଞ୍ଚଳରେ ଥିବା ମେସର୍ସ ଓଡ଼ିଶା ଆକ୍ୱା ଟ୍ରେଡର୍ସ ଆଣ୍ଡ ମେରାଇନ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ ପ୍ରତି ବିପଦ ବଢ଼ିଛି। ଲୋକାୟୁକ୍ତ ପକ୍ଷରୁ ଓଡ଼ିଶା ଆକ୍ୱାକୁ ଜୋନ୍ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି ନିର୍ମାଣ ଅନୁମତି ପତ୍ର ଦେବା ନେଇ ସ୍ୱଷ୍ଟୀକରଣ ଲୋଡ଼ାଯାଇଛି। ୨୦୨୨ଫେବୃୟାରୀ ୭ରେ କଟକସ୍ଥିତ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଓ ରାଜନଗର ବନଖଣ୍ଡ ଅଧିକାରୀ ଲୋକାୟୁକ୍ତରେ ବ୍ୟକ୍ତିଗତ ଭାବେ ହାଜର ହୋଇ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

୨୦୧୬ ସେପ୍ଟେମ୍ବରରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜଗତଯୋର ଓ ବଣପଦାଠାରେ ଚିଙ୍ଗୁଡ଼ି ଘେରି ନିର୍ମାଣ ପାଇଁ ଫାଲକନ ଓ ଓଡ଼ିଶା ଆକ୍ୱାକୁ ରାଜ୍ୟ ସରକାର ୧୫ ବର୍ଷିଆ ଲିଜ୍ ଆକାରରେ ଜାଗା ଦେଇଥିଲେ। ୪୩୩ ହେକ୍ଟର ପରିମିତ ଏହି ଘେରି ଅଞ୍ଚଳରୁ ୧୩ କୋଟି ଟଙ୍କା ରାଜସ୍ୱ ମିଳିବ ବୋଲି ତତ୍କାଳୀନ କୃଷିମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀ ବିଧାନସଭାରେ ସ୍ୱଷ୍ଟୀକରଣ ରଖିଥିଲେ। ତେବେ ଏହି ସ୍ଥାନ ଭିତରକନିକା ଇକୋ ସେନ୍ସିଟିଭ ଜୋନ୍ ଅଞ୍ଚଳରେ ଥିବାରୁ ପରିବେଶବିତ୍‌ମାନେ ଆପତ୍ତି ଉଠାଇଥିଲେ। ଜୋନ୍ ଅଞ୍ଚଳରେ ଘେରି ନିର୍ମାଣକୁ ବିରୋଧ କରି ୨୦୨୦ ଜାନୁୟାରୀରେ ଓଡ଼ିଶା ସୂଚନା ଅଧିକାର ଆଇନ ଅଭିଯାନ (ଓସା)ର ପୂର୍ବତନ କେନ୍ଦ୍ରାପଡ଼ା ଜିଲା ଆବାହକ ତଥା ମାର୍ଶାଘାଇ ବ୍ଲକ ମାଣିକପୁର ଗ୍ରାମର ସ୍ୱର୍ଗତ ରଞ୍ଜନ କୁମାର ଦାସ ଲୋକାୟୁକ୍ତରେ ଏକ ମାମଲା (ନଂ. ଏଲୱାଇ ୧୭୦/୨୦୨୦) କରିଥିଲେ। ଗତ ୨୧ ତାରିଖରେ ଏହାର ଶୁଣାଣି କରି ଲୋକାୟୁକ୍ତ ପକ୍ଷରୁ ଓଡ଼ିଶା ଆକ୍ୱାର ଚିଙ୍ଗୁଡ଼ି ଘେରି ନିର୍ମାଣ ଅନୁମତିକୁ ପ୍ରଶ୍ନ ଉଠାଯାଇଛି। ଏହି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଗତ ଅକ୍ଟୋବର ୪ରେ କଟକସ୍ଥିତ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରେ ଇକୋ ସେନ୍ସିଟିଭ ଜୋନ୍ ଅଞ୍ଚଳରେ ଜଗତଯୋର ଚିଙ୍ଗୁଡ଼ି ଘେରି ଥିବାରୁ ମେସର୍ସ ଫାଲକନ ମେରାଇନ ଏକ୍ସପୋର୍ଟ ଲିମିଟେଡ୍ ପକ୍ଷରୁ ଲିଜ୍ ବାତିଲ କରାଯାଇଛି। ଅପରପକ୍ଷରେ ମେସର୍ସ ଓଡ଼ିଶା ଆକ୍ୱା ଟ୍ରେଡର୍ସ ଆଣ୍ଡ ମେରାଇନ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ୍‌କୁ ନୋଟିସ ସତ୍ତ୍ୱେ ଏ ନେଇ କୌଣସି ଉତ୍ତର ରଖା ଯାଇନାହିଁ। ଏଥିପାଇଁ ଏହି କମ୍ପାନୀକୁ ମତ୍ସ୍ୟ ନିର୍ଦ୍ଦେଶକ ଏକ ନୂତନ ନୋଟିସ ଜାରି କରିବାକୁ ଲୋକାୟୁକ୍ତ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ସେହିପରି ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଚିଙ୍ଗୁଡ଼ି ଘେରି ପାଇଁ ଜୋନ୍ ଅଞ୍ଚଳରେ ଅନୁମତି ଦେବାକୁ ନେଇ ପ୍ରଶ୍ନ ହୋଇଛି। ସୂଚନାଯୋଗ୍ୟ, ଜଗତଯୋର ଓ ବଣପଦା ସମୁଦ୍ର ତଟ ଅଞ୍ଚଳର ୫୦୦ ମିଟର ମଧ୍ୟରେ ରହିଛି। ଚିଙ୍ଗୁଡ଼ି ଘେରିରୁ ଉତ୍ପନ୍ନ ରାସାୟନିକ ପ୍ରକ୍ରିୟା ପରିବେଶକୁ କ୍ଷତି କରୁଥିବା ନେଇ ରଞ୍ଜନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ପରିବେଶବିତ୍ ସେହି ସମୟରେ ଆନ୍ଦୋଳନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ସନ୍ଦେହ, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା**

ପାଣିକୋଇଲି,୨୭ା୧୨(ଡି.ଏନ.ଏ.)

ପାଣିକୋଇଲି ଥାନା ଷଠିପୁର ମା'ବାଗେଶ୍ୱରୀ ମନ୍ଦିର ନିକଟ ଏକ ବରକୋଳି ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକ ହେଲେ ଷଠିପୁର ଗ୍ରାମର ସୁବାସ ଦାସ(୩୫) ତାଙ୍କୁ କେହି ହତ୍ୟା କରି ମୃତଦେହକୁ ଗଛ ଡାଳରେ ଝୁଲାଇ ଦେଇଥିବା ପ୍ରଚାର ହେବା ପରେ ସେଠାରେ ଭିଡ଼ ଜମିଥିଲା । ସୁବାସଙ୍କ ନାକରୁ ରକ୍ତ ବାହାରିବା ସହ ପିଠିରେ ରକ୍ତଦାଗ ରହିଛି । ତାଙ୍କ ଶରୀର ଓ ପିନ୍ଧିଥିବା ଡ୍ରେସ ଓଦା ରହି ରହିଛି । ଏକ ସରୁ ଡାଳରେ ତାଙ୍କ ମୃତଦେହ ଝୁଲୁଥିବାରୁ ତାଙ୍କ ଦୁଇ ଗୋଡ ତଳେ ଲାଗିଥିଲା । ଏହା ଆତ୍ମହତ୍ୟା ନୁହେଁ ସୁପରିକଳ୍ପିତ ହତ୍ୟା ବୋଲି ଅଭିଯୋଗ ହୋଇଛି । ପାଣିକୋଇଲି ଥାନା ଅଧିକାରୀ ଚିନ୍ମୟୀ ବେହେରା, ଏସ୍ଆଇ କୈଳାସ ଚନ୍ଦ୍ର ଭୋଇ, ଏଏସ୍ଆଇ ପି.କେ. ଗଡ଼ନାୟକ ପ୍ରମୁଖ ତଦନ୍ତ ଆରମ୍ଭ କରିବା ସହ ତାଙ୍କ ପ୍ୟାକେଟ୍‌ରେ ଥିବା ମୋବାଇଲକୁ ପୋଲିସ ଜବତ କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୧) ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଜିଲାରେ ୫୧,୬୬୪ ହେକ୍ଟର ଫସଲ ନଷ୍ଟ

କେନ୍ଦ୍ରାପଡ଼ା ଅଫିସ, ୨୭ା୧୨

ଗତ ୪ରୁ ୬ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲାରେ ଲଗାଣ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଜିଲାର ୫୧,୬୬୪ ହେକ୍ଟର ଜମିରେ ୩୩ରୁ ଅଧିକ ପ୍ରତିଶତ ଯାଏ ଖରିଫ୍ ଧାନ ଫସଲ ନଷ୍ଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଆକଳନ କରାଯାଇଛି। ଆକଳନ ଅନୁଯାୟୀ ବର୍ଷା ଜଳ ଉପରେ ନିର୍ଭର କରୁଥିବା ୪୦,୨୩୯ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ମାତ୍ର ୧୧,୪୨୫ ହେକ୍ଟର ଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଛି। ରାଜନଗର ବ୍ଲକର ୨୯ଟି ପଞ୍ଚାୟତ ଅନ୍ତର୍ଗତ ୨୨୬ ଗ୍ରାମର ସର୍ବାଧିକ ୧୩,୭୮୬ ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଛି। ସେହିପରି ଆଳି ବ୍ଲକର ୧୦ ପଞ୍ଚାୟତ ଅନ୍ତର୍ଗତ ୨୩ ଗ୍ରାମର ସର୍ବନିମ୍ନ ୨୨୧.୫୭ ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଛି। ଏହାସହ କେନ୍ଦ୍ରାପଡ଼ା ବ୍ଲକର ୨୪ ପଞ୍ଚାୟତ ଅନ୍ତର୍ଗତ ୧୦୯ ଗ୍ରାମର ୪୯୯୬. ୭୫ ହେକ୍ଟର, ଡେରାବିଶର ୪ଟି ପଞ୍ଚାୟତ ଅନ୍ତର୍ଗତ ୬ ଗ୍ରାମର ୭୨୮.୫୮ ହେକ୍ଟର, ମାର୍ଶାଘାଇର ୨୪ ପଞ୍ଚାୟତ ଅନ୍ତର୍ଗତ ୧୧୦ଟି ଗ୍ରାମର ୬୨୨୫.୨୭ ହେକ୍ଟର, ମହାକାଳପଡ଼ାର ୩୨ ପଞ୍ଚାୟତ ଅନ୍ତର୍ଗତ ୨୦୨ ଗ୍ରାମର ୮୮୧୨.୦୪ ହେକ୍ଟର, ଗରଦପୁରର ୧୮ ପଞ୍ଚାୟତ ଅନ୍ତର୍ଗତ ୧୦୮ ଗ୍ରାମର ୨୭୩୯.୦୪ ହେକ୍ଟର, ପଟ୍ଟାମୁଣ୍ଡାଇର ୧୮ ପଞ୍ଚାୟତ ଅନ୍ତର୍ଗତ ୧୨୩ ଗ୍ରାମର ୮୮୦୪.୧୧ ହେକ୍ଟର ଓ ରାଜକନିକା ବ୍ଲକର ୨୯ ପଞ୍ଚାୟତ ଅନ୍ତର୍ଗତ ୧୬୬ ଗ୍ରାମର ୫୩୫୬.୯୦ ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସରକାର ପଦକ୍ଷେପ ନେଉଥିବା ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି।

## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ସମାରୋହରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟମାନେ ।

ଯାଜପୁରସଦର,୨୭ା୧୨(ଡି.ଏନ୍.ଏ.)

ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତର ଯାତ୍ରା ପଡିଆରେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ବିଜେଡି କର୍ମୀ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇ ଦଳକୁ ବିଜୟୀ କରିବାକୁ ସେ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ବିଜେଡିର ବରିଷ୍ଠ ନେତା ବ୍ରଜ କିଶୋର ପାଢୀ ସଭାପତିତ୍ୱ କରିଥିଲା ବେଳେ ବହୁ ମାନ୍ୟଗଣ୍ୟ ନେତା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଯାଜପୁରବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପର୍ଶୁରାମ ରାଉତ୍, ବିଜେଡି ନେତା ଗଣେଶଚନ୍ଦ୍ର ମହାକୁଡ, ଯାଜପୁର ବ୍ଲକ ବିଜେଡି ସଭାପତି ପରେଶ ଚନ୍ଦ୍ର ବିଶ୍ୱାଳ, ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ମହେଶ୍ୱରପୁର ପଞ୍ଚାୟତ ପର୍ଯ୍ୟବେକ୍ଷକ ଦିଲ୍ଲୀପ ଜେନା, ସୁଜିତ୍ ରାୟ, ଅମିତ୍ ରାଉତ୍, ଗୌରାଙ୍ଗ ସାମଲ, ମଧୁସୁଦନ ସାହୁ, ରାଜେଶ ପାତ୍ର, ପ୍ରଶାନ୍ତ ଘଡେଇ, ଦୀନବନ୍ଧୁ ମଲ୍ଲିକ, ରାଜେଶ ବିଶ୍ୱାଳ, ଗୋପାଳ ତରେଇ, ଅଜୟ ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଯଦୁମଣୀ ରାଉତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନ ପକ୍ଷରୁ ପାନବରଜ ଅଧିଗ୍ରହଣ ଜାରି

କୁଜଙ୍ଗ,୨୭ା୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ୬ ଜଣ ଚାଷୀ ସେମାନଙ୍କ ପାନବରଜ ଉଚ୍ଛେଦ କରିଛନ୍ତି। ଏହାବାଦ୍ ୧୪ଟି ନୂଆପାନ ବରଜ ଭଙ୍ଗାଯିବା ଲାଗି ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଏହାକୁ ମିଶାଇ ଏପର୍ଯ୍ୟନ୍ତ ୨୫ଟି ପାନବରଜ ଭଙ୍ଗାଯାଇଥିବାବେଳେ ୬୪ଟି ଉଚ୍ଛେଦ ନିମନ୍ତେ ଚିହ୍ନଟ କରାଯାଇଛି। ପାନବରଜ ଅଧିଗ୍ରହଣ ସମୟରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

## ଧର୍ମଶାଳା ବ୍ଲକର ୨୪ ସରପଞ୍ଚ ତାଲିକା ବଦଳିଲା

ଧର୍ମଶାଳା,୨୭ା୧୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ କୋଟା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବାତିଲ ହେବା ପରେ ପୂର୍ବ ତାଲିକାରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଧର୍ମଶାଳା ବ୍ଲକର ୪୫ ସରପଞ୍ଚ ପଦ ମଧ୍ୟରୁ ୨୪ ପଞ୍ଚାୟତରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଅବଶିଷ୍ଟ ୨୧ ପଞ୍ଚାୟତରେ ସଂରକ୍ଷଣ ସାରଣୀ ଅପରିବର୍ତ୍ତିତ ରହିଛି। ଅଞ୍ଜିରା ପଞ୍ଚାୟତ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ଅରେଇକଣା-ଅଣସଂରକ୍ଷିତ, ଉତ୍ତରପ୍ରତାପ-ଅନୁସୂଚିତ ଜାତି, କଦମପାଳ-ମହିଳା, କବାଟବନ୍ଧ-ଅଣସଂରକ୍ଷିତ ରଖାଯାଇଛି। କମାଗଡ ପଞ୍ଚାୟତ ସରପଞ୍ଚ ପଦ ଅଣସଂରକ୍ଷିତ, କୁମାରୀ-ମହିଳା, ଗଙ୍ଗାଧରପୁର-ଅଣସଂରକ୍ଷିତ, ଚକ୍ରଧରପୁର-ମହିଳା, ଚୋରମୁହାଁ-ଅଣସଂରକ୍ଷିତ, ଜେନାପୁର-ଅନୁସୂଚିତ ଜାତି ମହିଳା, ତାଳଜଙ୍ଗ-ଅଣସଂରକ୍ଷିତ, ଥାନୁଆଳ-ମହିଳା, ଦେଓଦା-ଅନୁସୂଚିତ ଜାତି, ପୁରୁଣା ବଉଳମାଳ, ଅଣସଂରକ୍ଷିତ ରଖାଯାଇଛି। ମଙ୍ଗଳପୁର ପଞ୍ଚାୟତ -ଅଣସଂରକ୍ଷିତ, ମର୍ଜିତାପୁର-ଅଣସଂରକ୍ଷିତ, ମଧୁସୂଦନପୁର -ମହିଳା, ମହିଶରା-ଅନୁସୂଚିତ ଜାତି ମହିଳା, ରାଇଛନ୍ଦା-ଅନୁସୂଚିତ ଜାତି ମହିଳା, ରେଖିଦେଇପୁର-ମହିଳା, ସମ୍ପାରୁ-ଅଣସଂରକ୍ଷିତ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୋମବାରଠାରୁ ଜାନୁୟାରୀ ୩ ଯାଏଁ ସଂରକ୍ଷିତ ଆସନ ଉପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ରିଆଡ୍‌ମିଶନ, ଫର୍ମ ପୂରଣ ଫି ବୃଦ୍ଧିକୁ ବିରୋଧ

**କଲେଜ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ**

ଦଶରଥପୁର,୨୭ା୧୨(ଡି.ଏନ.ଏ.)

ଦଶରଥପୁର ବ୍ଲକ୍ ସାଧୁଗୌଡେଶ୍ୱର ମହାବିଦ୍ୟାଳୟ ଯୁକ୍ତ ୨ ଛାତ୍ରୀଛାତ୍ରମାନେ ରିଆଡ୍‌ମିଶନ ଓ ଫର୍ମ ପୂରଣ ଫି ବୃଦ୍ଧିକୁ ବିରୋଧ କରି ସୋମବାର କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଛାତ୍ରୀଛାତ୍ରମାନେ କଲେଜର ଅଧ୍ୟକ୍ଷଙ୍କୁ ଭେଟି ଦରଖାସ୍ତ ଦେବାକୁ ଯାଉଥିଲେ । ହେଲେ ଅଧ୍ୟକ୍ଷ ତୁମ ମାନଙ୍କୁ ଆଣ୍ଠୁ ତଳେ ଗୋଡି ଦେଇ ଖରାରେ ଆଣ୍ଠେଇ ଦିଆଯିବ ବୋଲି ପୋଲିସ ସାମ୍ନାରେ ଧମକ ଦେଇଥିବା ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି । ସେହିପରି ଜଣେ ଅଧ୍ୟାପିକା ଜଣୈକ ଛାତ୍ରୀଙ୍କୁ ମାଡ ମାରିବା ସହ ଛାତ୍ରୀଛାତ୍ରଙ୍କ ମା'ବାପାଙ୍କୁ ନେଇ ଗାଳି କରିଥିବା ଆନ୍ଦୋଳନରତ ଛାତ୍ରୀଛାତ୍ରମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏ ନେଇ ଅଧ୍ୟକ୍ଷ ଦୈତାରୀ ରାଉତଙ୍କ ପଚାରିବାରୁ ସେ କହିଛନ୍ତି, ଏକାସଙ୍ଗେ ରିଆଡ୍‌ମିଶନ ଓ ଫର୍ମ ପୂରଣ ଫି ଭରଣା କରିବାକୁ ପଡୁଥିବାରୁ ସେମାନଙ୍କୁ ଅଧିକା ଟଙ୍କା ଦେବାକୁ ପଡୁଛି । ଫି କମ୍ କରିବା ବାବଦରେ ଛାତ୍ରୀଛାତ୍ରମାନଙ୍କ ଦାବିକୁ ଆମେ ଗ୍ରହଣ କରିଛୁ । ଏନେଇ ଉପଜିଲାପାଳଙ୍କସହ ଆଲୋଚନା କରି ପରିଚାଳନା କମିଟି ଏହା ଉପରେ ନିଷ୍ପତ୍ତି ନେବ । ଅନ୍ୟପକ୍ଷେ ଛାତ୍ରୀଙ୍କୁ ମାଡ ମରାଯିବା, ଗୋଡି ଦେଇ ଆଣ୍ଠେଇ ଦିଆଯିବା ସଂକ୍ରାନ୍ତରେ ସେ କହିଛନ୍ତି, ଆମେ ଗେଲରେ ପିଲାମାନଙ୍କୁ ଏମିତି କହିଥିଲୁ ।

## ସଂରକ୍ଷଣ ତାଲିକା ପ୍ରକାଶ ପାଇଲା, ଆଶାୟୀ ହତାଶ

ବରୀ,୨୭ା୧୨(ଡି.ଏନ.ଏ.)

ସୋମବାର ପରିବର୍ତ୍ତିତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହି ତାଲିକା ବହୁ ଆଶାୟୀଙ୍କୁ ହତାଶ କରିଛି। ବିଶେଷକରି ମଦାରୀ, ଧାରପୁର, ଉଦୟନାଥପୁର, ଅରଙ୍ଗାବାଦ, ରମ୍ଭା ଆଦି ପଞ୍ଚାୟତ ସଂରକ୍ଷଣ ତାଲିକାରେ ପରିବର୍ତ୍ତନ ହୋଇଥିବାରୁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଥିବା ପ୍ରାର୍ଥୀମାନେ ଭାଙ୍ଗିପଡିଛନ୍ତି। ସଂରକ୍ଷଣ ତାଲିକା ମୁତାବକ କେଉଁ ପ୍ରାର୍ଥୀଙ୍କୁ ସେମାନେ ନିର୍ବାଚନରେ ସହଯୋଗ କରିବେ ତାହା ଅଦ୍ୟାବଧି ଆକଳନ କରିପାରୁ ନାହାଁନ୍ତି। ବିଶେଷକରି ଏହି ବ୍ଲକ୍ ଅଧୀନ ଧାରପୁର ପଞ୍ଚାୟତର ସମିତି ସଭ୍ୟ ପଦବୀ ହାତେଇ ବରୀ ବ୍ଲକ୍‌ର ଅଧ୍ୟକ୍ଷ ପଦ ପାଇଁ ଆଶା ରଖିଥିବା ପ୍ରାର୍ଥୀ ଦ୍ୱୟଙ୍କୁ ନିରାଶ ହେବାକୁ ପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ପରିବର୍ତ୍ତିତ ସଂରକ୍ଷଣ ଚିଠା ପ୍ରସ୍ତାବ ପ୍ରକାଶିତ

କେନ୍ଦ୍ରାପଡା ଅଫିସ,୨୭ା୧୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କୁ ସଂରକ୍ଷଣରୁ ବାଦ ନିର୍ଦ୍ଦେଶ ପରେ କେନ୍ଦ୍ରାପଡ଼ା ଜିଲାପାଳ ପରିବର୍ତ୍ତିତ ସଂରକ୍ଷଣ ଚିଠା ପ୍ରସ୍ତାବ ସୋମବାର ପ୍ରକାଶ କରିଛନ୍ତି। ଚିଠା ପ୍ରସ୍ତାବରେ ବିଭିନ୍ନ ବ୍ଲକ ଅଧ୍ୟକ୍ଷ ପଦବୀ ସହିତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦବୀ ଲାଗି ସଂରକ୍ଷଣରେ କୌଣସି ଆପତ୍ତି ଥିଲେ ଆସନ୍ତା ଜାନୁୟାରୀ ୩ ତାରିଖ ସୁଧା ଅଭିଯୋଗ ପତ୍ର ଗ୍ରହଣ କରାଯିବ ବୋଲି ଏଥିରେ ଉଲ୍ଲେଖ ଅଛି। ଏହି ପରିବର୍ତ୍ତିତ ତାଲିକା ଅନୁଯାୟୀ, ଆଳି ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଛି। ସେହିପରି କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବାବେଳେ ମହାକାଳପଡ଼ା, ମାର୍ଶାଘାଇ ଓ ରାଜନଗର ବ୍ଲକ ଅଧ୍ୟକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ହୋଇଛି। ଗରଦପୁର, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ ଅଧ୍ୟକ୍ଷ ପଦବୀ ଅସଂରକ୍ଷିତ ରଖାଯାଇଛି।

## ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**୧୨ ବର୍ଷ ହେବ ପାଣିପାଇଁ ଲୋକେ ହନ୍ତସନ୍ତ**

ପଟ୍ଟାମୁଣ୍ଡାଇ,୨୭ା୧୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତ ଅଡାଖଣ୍ଡ ମଠସାହି ଗ୍ରାମରେ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ ପାଇପ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳ, ପଟ୍ଟାମୁଣ୍ଡାଇ ବିଡିଓ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଏସ୍‌ଡିଓ ଓ ସ୍ଥାନୀୟ ବିଧାୟକଙ୍କୁ ବହୁବାର ଦାବି କରି ଆସୁଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିଲାନାହିଁ। ଏହାର ପ୍ରତିବାଦରେ ଅଡାଖଣ୍ଡ ମଠସାହି ଗ୍ରାମର ୩୦ ଜଣ ମହିଳାପୁରୁଷ ଏକତ୍ରିତ ହୋଇ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଧାରଣାକାରୀଙ୍କୁ ଭେଟି ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କୁ ଟେଲିଫୋନ କରି ଡକାଇଥିଲେ। ହେଲେ କନିଷ୍ଠ ଯନ୍ତ୍ରୀ ପହଞ୍ଚି ନ ଥିଲେ। ସହନିର୍ବାହୀ ଯନ୍ତ୍ରୀ ବିଭାଗ କାମରେ ଭୁବନେଶ୍ୱର ଯାଇଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ଏତାଦୃଶ କାର୍ଯ୍ୟରେ ଗ୍ରାମବାସୀ ଅପମାନିତ ହୋଇ ଫେରିଛନ୍ତି ବୋଲି ଦମୟନ୍ତୀ ଗିରି, ସନ୍ତୋଷିନୀ ପଣ୍ଡା, ନିରୁପମା ଦାସ, ସୁରେଖା ବାରିକ, ପାର୍ବତୀ ବାରିକ, ସୁଦର୍ଶନ ନାୟକ ପ୍ରମୁଖ ଧାରଣାକାରୀମାନେ କହିଛନ୍ତି।



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ମହିଳମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## କ୍ରିକେଟ୍: ୨ୟ କ୍ୱାର୍ଟରରେ କ୍ରାଉନ୍ କ୍ଲବ ବିଜୟୀ

ଜଗତ୍‌ସିଂହପୁର ଅଫିସ, ୨୭ା୧୨

ଜଗତ୍‌ସିଂହପୁରର ନବାପାଟଣାସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମ ପରିସରରେ ଯୁଗଜ୍ୟୋତି ସ୍ପୋର୍ଟସ୍ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର କ୍ରାଉନ୍ କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। କଟକର ନିମପୁର ସ୍ପୋର୍ଟସ୍ କ୍ଲବ ଓ କ୍ରାଉନ କ୍ଲବ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିମପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୨.୨ ଓଭରରେ ୬୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଜବାବରେ କ୍ରାଉନ କ୍ରିକେଟ କ୍ଲବ ୮.୫ ଓଭରରେ ୪ ଉଇକେଟ୍ ହରାଇ ୬୧ ରନ୍ କରି ବିଜୟୀ ହୋଇଥିଲା। କ୍ରାଉନ କ୍ଲବର ନିଲୁ ପ୍ରଧାନ ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥିଭାବେ ଶିକ୍ଷକ ପ୍ରସନ୍ନ କୁମାର ପଣ୍ଡା ଯୋଗଦେଇଥିଲେ। କିଶୋର କୁମାର ସାହୁ ସଭା ପରିଚାଳନା କରିଥିଲେ। ମଙ୍ଗଳବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ କଟକର ମା'ମଙ୍ଗଳା କ୍ରିକେଟ କ୍ଲବ ଓ ସହିଦ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

## କ୍ରିକେଟ ଟୁର୍ନାମେଣ୍ଟ: ଆଳି ଫାଇନାଲରେ

ରାଜନଗର, ୨୭ା୧୨ (ଡି.ଏନ.ଏ.)

ରାଜନଗର ବ୍ଲକ ମଦନପୁର ଖେଳ ପଡିଆରେ ଚାଲିଥିବା ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ପାରାଦୀପର ଡାଇମଣ୍ଡ କ୍ରିକେଟ କ୍ଲବକୁ ୭୪ ରନରେ ହରାଇ ଆଳିର ମା' ଖରାଖାଇ କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ମା' ଖରାଖାଇ କ୍ରିକେଟ କ୍ଲବ ଆଳି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୧ ରନ କରିଥିଲା। ପାରାଦୀପର ଡାଇମଣ୍ଡ କ୍ରିକେଟ କ୍ଲବ ୧୫.୫ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଆଳିର ବୋଲର ବିମଳ ଓ ସ୍ୱପ୍ନେଶ ୩ଟି ଲେଖାଏ ଉଇକେଟ ନେଇଥିଲେ। ମଦନପୁରସ୍ଥିତ ଯୁକେ ମହାବୀର ମହାବିଦ୍ୟାଳୟର ଅଧ୍ୟାପକ ଶୁଭକାନ୍ତ ନାୟକ ଓ ସୁଜାତା ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ବନ ବିଭାଗ କିରାଣିଙ୍କ ଟଙ୍କା ଦାବି ଅଡିଓ ଭାଇରାଲ

ରାଜନଗର, ୨୭ା୧୨ (ଡି.ଏନ.ଏ.)

ରାଜନଗର ବନ ବିଭାଗ କାର୍ଯ୍ୟାଳୟର ଜଣେ କିରାଣି କାଠ ଡିପୋ ଲାଇସେନ୍ସ ଦେବାକୁ ଟଙ୍କା ଦାବି କରିବା ଓ ଅନ୍ୟ ଅଧିକାରୀମାନେ ଏଥିପାଇଁ ଟଙ୍କା ନେଉଥିବା କହୁଥିବା ଅଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ଏହି ଅଡିଓ ଭାଇରାଲ ହେବା ପରେ ବନ ବିଭାଗରେ ଚାଲିଥିବା ଦୁର୍ନୀତି ସ୍ପଷ୍ଟ ହୋଇଛି। ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ରେସୋ ଗାଁର ବିଶ୍ୱଜିତ୍ ପ୍ରଧାନ ସାଇଜ କାଠ ଡିପୋ ଓ ଜାଳେଣୀ କାଠ ରଖି ବିକ୍ରି କରିବାକୁ ଲାଇସେନ୍ସ ପାଇଁ ରାଜନଗର ବନ ବିଭାଗ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ବନ ବିଭାଗ କାର୍ଯ୍ୟାଳୟର କିରାଣି କରୁଣାକର ସେଠୀ କାଠ ଡିପୋ ଲାଇସେନ୍ସ ସେକ୍ସନ ଦାୟିତ୍ୱରେ ଅଛନ୍ତି। ବିଶ୍ୱଜିତ୍ ତାଙ୍କୁ ଭେଟିବା ପରେ ଟଙ୍କା ନ ଦେଲେ ଫାଇଲ ଘୁଞ୍ଚିବ ନାହିଁ ବୋଲି କହିଥିଲେ। ଆବେଦନ ସମୟରେ ୩ ହଜାର ଓ ପରେ ପୁଣି ୧୫ ହଜାର ଟଙ୍କା ନେଇଥିଲେ। ୧୮ ହଜାର ଟଙ୍କା ଦେବା ପରେ ବି ତାଙ୍କର ଲାଇସେନ୍ସ ନ ହେବାରୁ ବିଶ୍ୱଜିତ୍ ତାଙ୍କୁ ଫୋନରେ ପଚାରିଥିଲେ। ଡିଏଫ୍ଓଙ୍କ କାର୍ଯ୍ୟାଳୟରୁ ଚିଠି ରେଞ୍ଜ ଅଫିସରଙ୍କୁ କରାଯାଇଛି। ରେଞ୍ଜ ଅଫିସର ରିପୋର୍ଟ ଦେବେ। ନର୍ସରୀରେ ରେଞ୍ଜ ଅଫିସର ରହୁଛନ୍ତି। ମୁଁ ତାଙ୍କୁ ଫୋନ କରି କହିଦେବି। ତମେ ଯାଇ ତାଙ୍କୁ ଦେଖା କର। ସେ କ'ଣ ଟଙ୍କା ନେବେ ବୋଲି ପଚାରିବାରୁ ସେମିତି ନ କଲେ କାମ ହେବନି ବୋଲି କିରାଣୀ ସେଠୀ କହିଥିଲେ। ସେହି ଅଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ କିରାଣି ସେଠୀଙ୍କୁ ପଚାରିବାରୁ ମୁଁ ଯାହା ଟଙ୍କା ନେଇଛି କାଲି ସେଟେଲ କରି ଦେବି ବୋଲି କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ନୟାଗଡ ଅଫିସ,୨୭।୧୨:** ରଣପୁର ଥାନା ବୃନ୍ଦାବନପୁର ଗାଁରେ ପୋଖରୀରେ ବୁଡି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅଙ୍କିତ ମିଶ୍ର(୧୭)। ଘର ବୃନ୍ଦାବନପୁର ଗାଁରେ। ବୃନ୍ଦାବନପୁର ଗାଁ ପୋଖରୀରେ ସେ ଗାଧୋଉ ଥିବା ବେଳେ ଅଙ୍କିତଙ୍କ ଗୋଡ ଖସି ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ଅଙ୍କିତକୁ ଉଦ୍ଧାର କରି ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରଣପୁର ଥାନା ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଏକଦିବସୀୟ କ୍ୟାରମ ପ୍ରତିଯୋଗିତା: ହାପି କ୍ଲବ ଚାମ୍ପିୟନ

**ନୟାଗଡ଼ ଅଫିସ,୨୭।୧୨:** ନୟାଗଡ଼ ବ୍ଲକ ଇଟାମାଟି ବଜାରର ଚାଖଟି କ୍ଲବ ପକ୍ଷରୁ ଏକ ଦିବାସୀୟ କ୍ୟାରାମ ପ୍ରତିଜୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ନୟାଗଡ଼ର ହାପି କ୍ଲବ ଚାମ୍ପିଅନ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଟାମାଟି ଥାନା ଅଧିକାରୀ ରମେଶ କୁମାର ଦେବତା, ଇଟାମାଟି ବଣିଜ ସଂଘ ସଭାପତି ରାମଚନ୍ଦ୍ର ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ ଶିବ ସୁନ୍ଦର ନାୟକ, ନିଧି ସାହୁ, ଟୁଟୁ ବାବୁ, ମାନ ବାବୁ ଏହାକୁ ପରିଚାଳନା କରିଥିଲେ।

### କାର୍ଯ୍ୟରେ ଯୋଗ ଦେଲେ ନୂଆ ସିଡିଏମ୍ଓ

**ନୟାଗଡ଼ ଅଫିସ,୨୭।୧୨:** ନୟାଗଡ଼ରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଭାବେ ମକରନ୍ଦ ବେଉରା ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଥିବା ସିଡିଏମ୍ଓ ଶକ୍ତି ପ୍ରସାଦ ମିଶ୍ରଙ୍କର ବଦଳି ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ହୋଇଥିଲା। ନୂଆ ସିଡିଏମ୍ ସୋମବାର ପୁରୁଣା ସିଡିଏମ୍ଓଙ୍କଠାରୁ ଦାୟିତ୍ୱ ନେଇଛନ୍ତି।

### ନାରାୟଣୀ ମନ୍ଦିର ପୂଜକଙ୍କ ପରଲୋକ

**ଖଣ୍ଡପଡା,୨୭।୧୨(ସ୍ୱ.ପ୍ର):** କଣ୍ଟିଲୋ ନିକଟସ୍ଥ ମା' ନାରାୟଣୀ ଠାକୁରାଣୀଙ୍କ ପୂଜକ ହରିହର ପଣ୍ଡା (୬୫)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଯୋଗୁଁ କଣ୍ଟିଲୋ ମଝିସାହି ପାଟଣାସ୍ଥିତ ଘରେ ପଡି ରହିଥିଲେ। ତାଙ୍କ ମୃତ୍ୟୁ ଖବର ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ମହିମା ଆଶ୍ରମ ସମ୍ମୁଖ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ରାଷ୍ଟ୍ରୀୟ କାର୍ଯ୍ୟକାରିଣୀକୁ ବିକାଶ ମନୋନିତ

**ଓଡଗାଁ,୨୭।୧୨(ସ୍ୱ.ପ୍ର.):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୬୭ତମ ରାଷ୍ଟ୍ରୀୟ ଅଧିବେଶନ ମଧ୍ୟପ୍ରଦେଶର ଜବଲପୁରଠାରେ ସମାପ୍ତ ହୋଇଛି। ଏହି ଅଧବେଶନରେ ୯ ଜଣ ଓଡ଼ିଆଙ୍କୁ ଦାୟିତ୍ୱ ମିଳିଛି। ଏଥିମଧ୍ୟରୁ ଓଡ଼ଗାଁ ବ୍ଲକ



ଅନ୍ତର୍ଗତ ଭାଲିଆଡ଼ିହି ଗ୍ରାମର ବିକାଶ କୁମାର ନାୟକ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ବିକାଶ ବର୍ତ୍ତମାନ ରାଉରକେଲାସ୍ଥିତ ଏନଆଇଟିରେ ପାଠ ପଢୁଛନ୍ତି। ଅତି କମ ବୟସରେ ଜଣେ ଦକ୍ଷ ସାଙ୍ଗଠନିକ ଏବଂ ଚର୍ଚ୍ଚିତ ଛାତ୍ର ନେତା ଭାବେ ଓଡ଼ିଶାରେ ସୁପରଚିତ। ପୂର୍ବରୁ ସେ କନ୍ଧମାଳ ଜିଲା ସଂଯୋଜକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସୁନ୍ଦରଗଡ଼ ଜିଲା ସଂଯୋଜକ, ରାଜ୍ୟ ଜନଜାତି ଛାତ୍ର କାର୍ଯ୍ୟ ପ୍ରମୁଖ ଦାୟିତ୍ୱ ବହନ କରିଛନ୍ତି। ଏଥିସହ ସେ ଜଣେ ସ୍ତମ୍ଭକାର ଏବଂ ମେଧାବୀ ଛାତ୍ର ମଧ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ମନୋନୀତ ହୋଇଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନର ଛୁଅ ଛୁଟିଛି।

# ଡମ୍ପିଂୟାର୍ଡ ପାଲଟିଛି ମାତୃ, ଶିଶୁ ଚିକିତ୍ସାଳୟ

**ନୟାଗଡ଼ ଅଫିସ,୨୭।୧୨**



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗଦା ହୋଇଥିବା ଆବର୍ଜନା।

- ଅସ୍ୱାସ୍ଥ୍ୟକର ପରିବେଶରେ ଚିକିତ୍ସିତ ଶିଶୁ ଓ ମା'
- ଚିକିତ୍ସାଳୟ ଆବର୍ଜନା ଦୁର୍ଗନ୍ଧରେ ନାକ ଫାଟି ପଡୁଛି
- ମ୍ୟୁନିସିପାଲିଟି ଉପରେ ଦୋଷ ଦେଲେ ମ୍ୟାନେଜର
- ଆବର୍ଜନା ପକାଇବାକୁ ଡିଏଚ୍ଏଚ୍‌ରେ ସ୍ଥାନ ନାହିଁ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରୁ ପ୍ରତିଦିନ ସଂଗ୍ରହ ହେଉଥିବା ଅଳିଆ ଆବର୍ଜନା ପକାଇବାକୁ ସ୍ଥାନ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ପାର୍ଶ୍ୱ ଡମ୍ପିଂୟାର୍ଡ ପାଲଟିଛି। ଏଠାରେ ଜମା ହେଉଥିବା ଅଳିଆ ଆବର୍ଜନାର ଦୁର୍ଗନ୍ଧରେ ଚିକିତ୍ସାଳୟ ପରିବେଶ ପ୍ରଦୂଷିତ ହେଉଛି। ଦୁର୍ଗନ୍ଧମୟ ପରିବେଶରେ ମା' ଓ ଶିଶୁ ଚିକିତ୍ସିତ ହେଉଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ଚୁପ। ଏ ନେଇ ଚିକିତ୍ସାଳୟର ମ୍ୟାନେଜର ମ୍ୟୁନିସିପାଲିଟି ଉପରେ ଦୋଷ ଦେଇ ଖସି ଯାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯଦି ଆବର୍ଜନା ପକାଇବାକୁ ଜାଗା ନାହିଁ ତେବେ ମାତୃ ଓ ଶିଶୁ ଚିକିତ୍ସାଳୟ ପାର୍ଶ୍ୱ କ'ଣ ନିରାପଦ ସ୍ଥାନ। ଏଠାରେ ଆବର୍ଜନା ପକାଇବାକୁ କିଏ ଅନୁମତି ଦେଲା ତାହା ତଦନ୍ତ ସାପେକ୍ଷ।

ମାତୃ ଓ ଶିଶୁ ଚିକିତ୍ସାଳୟର ଅସ୍ୱାସ୍ଥ୍ୟକର ପରିବେଶ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ମ୍ୟାନେଜର ଡି. ବ୍ରଜରାଜ କୁହନ୍ତି, ମୃତଦେହ ବ୍ୟବଚ୍ଛେଦ ଗୃହ ପାଖରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଚିକିତ୍ସାଳୟ ପରିବେଶରେ ଆଉ ଆବର୍ଜନା ଗଦା କରିବାକୁ ସ୍ଥାନ ନାହିଁ। ମାତୃ ଓ ଶିଶୁ ଚିକିତ୍ସାଳୟ ପାଖରେ ଆବର୍ଜନା ଜମା କରିବାର ନିୟମ ନ ଥିଲେ ହେଁ ପରିସ୍ଥିତି ବାଧ କରିଛି। ଏଠାରୁ ଅଳିଆ ଆବର୍ଜନାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସଫେଇ କରିବାକୁ ଦାୟିତ୍ୱ ଦିଆଯାଇଛି। ସେମାନେ ସଫେଇ କରିବା କଥା। ନୟାଗଡ଼ ମ୍ୟୁନିସିପାଲିଟିର ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରେ ଆମକୁ ଆବର୍ଜନା ଆଣିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମାସକୁ ୯ ହଜାର ଟଙ୍କା ମିଳୁଛି। ଆମେ କେବଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡମ୍ପିଂୟାର୍ଡରୁ ଆବର୍ଜନା ଆଣିବୁ। ସଫେଇ ଓ ଡମ୍ପିଂୟାର୍ଡ ସ୍ଥାନ ଚୟନ କରିବା ଦାୟିତ୍ୱ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କର ବୋଲି ସେ କହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟ ମ୍ୟାନେଜର ଓ ନୟାଗଡ଼ ମ୍ୟୁନିସିପାଲିଟିର ପରିମଳ ନିରୀକ୍ଷକଙ୍କ ସୂଚନାକୁ ଅନୁଧ୍ୟାନ କଲେ ଜଣାପଡୁଛି ଡମ୍ପିଂୟାର୍ଡ ସ୍ଥାନ ଚୟନ କରିବା ସ୍ୱାସ୍ଥ୍ୟ ବିଭାଗର। ରୋଗୀଙ୍କର ସୁବିଧାକୁ ଦେଖି ଡମ୍ପିଂୟାର୍ଡ ସ୍ଥାନ ଚୟନ କରାଯିବା ଉଚିତ। ତେବେ ଡମ୍ପିଂୟାର୍ଡ ରୋଗୀମାନଙ୍କର ଯେପରି କ୍ଷତି ନ କରିବ ସେଥିପ୍ରତି ପ୍ରାଧାନ୍ୟ ଦେବା ଉଚିତ। ତେବେ ଚିକିତ୍ସାଳୟ କର୍ତ୍ତୃପକ୍ଷ ରୋଗୀଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଛି। ଏ ନେଇ ନୟାଗଡ଼ର ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ଡମ୍ପିଂୟାର୍ଡ ମାତୃ ଓ ଶିଶୁ ଚିକିତ୍ସାଳୟ ପାଖରେ କରି କର୍ତ୍ତୃପକ୍ଷ ମା' ଓ ଶିଶୁଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ସରକାର ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାବେଳେ ଚିକିତ୍ସାଳୟ କର୍ତ୍ତୃପକ୍ଷ ମା' ଓ ଶିଶୁଙ୍କ ପ୍ରତି ଅଣଦେଖା କରୁଥିବା ସ୍ପଷ୍ଟ ହେଉଛି। ଏଣୁ ଡମ୍ପିଂୟାର୍ଡର ସ୍ଥାନ ତୁରନ୍ତ ପରିବର୍ତ୍ତନ କରା ନ ଗଲେ ଏ ନେଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପରିବେଶବିତ୍ ବିଷ୍ଣୁ ପ୍ରସାଦ ଦାଶ କୁହନ୍ତି, ସ୍ୱାସ୍ଥ୍ୟ ବିଭାଗର ଡମ୍ପିଂୟାର୍ଡ ସ୍ଥାନ ଚୟନର ନିଷ୍ପତ୍ତି ମା' ଓ ଶିଶୁଙ୍କ ଜୀବନ ପ୍ରତି ବିପଦ ଡାକି ଆଣିଛି। କେତେବେଳେ ସଂକ୍ରମଣ ବ୍ୟାପିବ କହି ହେବ ନାହିଁ।

# ଡିଜେଲ ଚୋରି ଅଭିଯୋଗରେ ୭ ଜେଲ ଗଲେ

**ନୟାଗଡ ଅଫିସ,୨୭।୧୨**

ଇଟାମାଟି ଥାନା ପୋଲିସ ଡିଜେଲ ଚୋରି ଅଭିଯୋଗରେ ୭ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ହରେକୃଷ୍ଣପୁରର ପ୍ରମୋଦ କୁମାର ଖଣ୍ଡା,(୩୫), ସନାତନ ସେବକ(୩୮), ସନ୍ତୋଷ ଜେନା(୨୯), ବିକାଶ ଜେନା(୨୪), ଦିଲୀପ ବେହେରା(୨୮), କାହ୍ନା ମଣ୍ଡଳ(୨୯), ନାରାୟଣ ଆଦକ(୨୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଆଇଆଇସି ମାନ ଦେବତାଙ୍କ ସୂଚନା ଅନୁସାରେ ପାରାଦୀପରୁ ନଂ. ଓଡି ୦୫ ଏଆର ୯୨୫୫ ଟ୍ୟାଙ୍କରରେ ୨୪ ହଜାର ଲିଟର ଡିଜେଲ ବରଗଡ ଯାଉଥିଲା। ଶନିବାର ରାତି ୮ଟାରେ ହରେକୃଷ୍ଣପୁରର ଡ୍ରାଇଭର ଘର ଆଗରେ ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଗାଡି ରଖି ବିଶ୍ରାମ ନେଇଥିଲେ। ହେଲପର ଗାଡିରେ ଥିଲେ। ୭ଜଣ ଦୁର୍ବୃତ୍ତ ଏହି ସମୟରେ ଡିଜେଲ ଚୋରି ଆରମ୍ଭ କରିଥିଲେ। ପ୍ରାୟ ୫୦୦ ଲିଟର ତେଲ ଚୋରି କରି ନେବା ବେଳେ ତଳେ ପଡି ନଷ୍ଟ ହୋଇଯାଇଥିଲା। ତେବେ ଏହି ସମୟରେ ପୋଲିସର ପାଟ୍ରୋଲିଂ ଟିମ୍ ଚଢ଼ାଉ କରି ୭ ଜଣକୁ ଗିରଫ କରିଥିଲେ। ଏ ନେଇ ଥାନାରେ ନଂ. ୨୧୦/୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି।

# ପ୍ରମାଣ ଅଭାବରୁ ଆଜାଦ୍ ଖଲାସ

**ନୟାଗଡ଼ ଅଫିସ,୨୭।୧୨**

**ବ୍ରିଟିଶ ବେହେରା ହତ୍ୟା ମାମଲା**

- ସବ୍ୟସାଚୀ ଆଉ ଏକ ମାମଲାରେ ଦୋଷମୁକ୍ତ

ନୟାଗଡ଼ ଜିଲା ମାଓବାଦୀ ଆକ୍ରମଣ ଘଟଣାରେ ବ୍ରିଟିଶ ବେହେରା ହତ୍ୟା ଘଟଣାର ରାୟ ଜିଲା ଦୌରାଜଜଙ୍କ କୋର୍ଟରେ ସୋମବାର ପ୍ରକାଶ ପାଇଛି। ଜିଲା ଦୌରାଜଜ ରୂପଶୀ ଚୌଧୁରୀ ଏସ୍‌ଟି ୧୩୬/୨୦୧୫ କେଶକୁ ବିଚାର କରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଓ ସହଯୋଗୀ ବି କେଶବ ରାଓ ଓରଫ ଆଜାଦ୍‌ଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି । ସବ୍ୟସାଚୀ ଓ ଆଜାଦ୍‌ଙ୍କ ନାମରେ ୯ଟି ମାମଲା ରହିଛି । ଆଜାଦ୍ ସମସ୍ତ ମାମଲାରୁ ଖଲାସ ହୋଇ ସାରିଥିବାବେଳେ ସବ୍ୟସାଚୀ ୪ ମାମଲାରୁ ମୁକ୍ତି ପାଇଛନ୍ତି ବୋଲି ଆଇନଜୀବୀ ଅମୀୟ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ନୟାଗଡ଼ ଜିଲାରେ ୨୦୦୮ ଫେବୃୟାରୀ ୧୫ରେ ସଶସ୍ତ୍ର ମାଓବାଦୀମାନେ ତାଣ୍ଡବ ରଚିଥିଲେ । ଏଥିରେ ୧୫ ପୋଲିସଙ୍କ ସହ ବ୍ରିଟିଶ ବେହେରା ନାମକ ଜଣେ ସାଧାରଣ ବ୍ୟକ୍ତି ମୃତ୍ୟୁ ଘଟିଥିଲା । ସେଦିନ ରାତିରେ ନୟାଗଡ଼ର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହିପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ । ସେହିଭଳି ଦଶପଲ୍ଲା ଥାନା ପୋଡ଼ି, ନଡ଼ିଆ ଟ୍ରକ ଅପହରଣ ଓ ଥାନା ଅଧିକାରୀଙ୍କ କ୍ୱାର୍ଟର୍ସକୁ ମାଓବାଦୀମାନେ ପୋଡ଼ି ଦେଇଥିଲେ । ମାଓବାଦୀମାନେ ରିଜର୍ଭ ଅଫିସ ଓ ପୋଲିସ ଟ୍ରେନିଂ ସ୍କୁଲ ଆର୍ମୋରୀରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଜୀବନ୍ତ ଗୁଳି, ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରେନେଡ୍, ୩୬-ହାଇ ଏକ୍ସପ୍ଲୋସିଭ୍ ବୋମା, ଏକେ ୪୭ ଶକ୍ତିଶାଳୀ ବନ୍ଧୁକ ଲୁଟି ନେଇଥିଲେ। ନୟାଗଡ଼ ମାଓବାଦୀ ଆକ୍ରମଣରେ ସଂପୃକ୍ତ ଅଭିଯୋଗରେ ବିଭିନ୍ନ ସମୟରେ ମାଓବାଦୀ ନେତା ସବ୍ୟସାଚୀଙ୍କ ସମେତ ୧୯ ଜଣ ମାଓବାଦୀ ଗିରଫ ହୋଇଥିଲେ। କେତେଜଣଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ତେବେ ପ୍ରମାଣ ଅଭାବରୁ ୧୩ଜଣ ଖଲାସ ହୋଇ ସାରିଥିବାବେଳେ ୨ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି । ଅବଶିଷ୍ଟ ୪ଜଣ ମଧ୍ୟରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ବ୍ରହ୍ମପୁର ଜେଲ ଓ ସହଯୋଗୀ ବି କେଶବ ରାଓ ଓରଫ ଆଜାଦ୍ ଝାରପଡ଼ା ଜେଲରେ ଅଛନ୍ତି। ଆଜାଦ୍ ସବୁ କେଶରୁ ମୁକୁଳିବା ପରେ ଜେଲରୁ ଖଲାସ ହୋଇଥିବା ସଂଖ୍ୟା ୧୪ରେ ପହଞ୍ଚିବ। ସେହିପରି ନୟାଗଡ ସବ୍‌ଜେଲରେ ଥିବା ଅନ୍ୟ ୨ ଜଣଙ୍କର ବିଚାର ଚାଲିଛି ।

# 'ଆଧେ ଅଧୁରେ' ନାଟକରେ ସଂସାରର ବେଦନା



ମଞ୍ଚସ୍ଥ ନାଟକ 'ଆଧେ ଅଧୁରେ'ର ଏକ ଦୃଶ୍ୟ।

**ନୟାଗଡ଼ ଅଫିସ,୨୭।୧୨**

**ନାଟ୍ୟ ମହୋତ୍ସବ ଉଦ୍‌ଯାପିତ**

ନୟାଗଡ଼ର ନାଟ୍ୟଶାଳା ମଞ୍ଚାୟନ ତରଫରୁ ଗତ ୨୪ ତାରିଖରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପଠାଣୀ ସମାନ୍ତ ସଂସ୍କୃତି ଭବନ ପରିସରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଧେ ଅଧୁରେ ନାଟକକୁ ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶନାରେ ମୋହନ ରାକେଶଙ୍କ ହିନ୍ଦିର ଲେଖାକୁ ସୁକେଶ ପଣ୍ଡା ଓଡିଆ ଅନୁବାଦ କରିଛନ୍ତି। ଭୁବନେଶ୍ୱରର ଜୀବନରେଖା ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ନାଟକରେ ସଂସାରର ବେଦନା ପ୍ରତିଫଳିତ ହୋଇଥିଲା। ମହେନ୍ଦ୍ର ନାଥକୁ ଜାଣିବା ପରେ ସ୍ତ୍ରୀ ସାବିତ୍ରୀଙ୍କ ବିତୃଷ୍ଣା ଆସେ। ସ୍ୱାମୀ ସ୍ତ୍ରୀର ଜୀବନ ଆରମ୍ଭ କରିବା ପୂର୍ବରୁ ସାବିତ୍ରୀଙ୍କ ଆକାଂକ୍ଷା ପୂରଣ ହୋଇ ନ ଥାଏ । ସେ ଚିନ୍ତାରେ ବିବ୍ରତ ହୋଇ ପଡନ୍ତି । ଏଭଳି ସମୟରେ ପୁତ୍ର ସନ୍ତାନ ମଧ ଜନ୍ମ ନିଅନ୍ତି । ଗୋଟିଏ ପଟେ ଘର ଚଳାଇବାର ବୋଝ ଅନ୍ୟପଟେ ଜୀବନରେ ହାସଲ କରିବାର ଲକ୍ଷ୍ୟ ପୂରଣ ନ ହେବା ସାବିତ୍ରୀଙ୍କୁ କଷ୍ଟ ଦିଏ। ପୁଣି ପିଲାମାନଙ୍କ ବ୍ୟବହାରରେ ସାବିତ୍ରୀ ଅତିଷ୍ଠ ହୋଇପଡନ୍ତି। ସେ ଅବଶିଷ୍ଟ ଜୀବନ କୌଣସି ସ୍ୱୟଂ ସମ୍ପୂର୍ଣ୍ଣ ପୁରୁଷ ସହ ବିତାଇବାର ଇଚ୍ଛା ପ୍ରକାଶ କରନ୍ତି। ହେଲେ ପୂର୍ଣ୍ଣତା ଖୋଜିବାର ଆଶା ମଉଳି ଯାଏ। ସାବିତ୍ରୀ ପୁଣି ନିଜ ଘରେ ରହି ନିଜର ଭୁଲ ବୁଝି ପାରନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଆଲୋକ କାନୁନ୍‌ଗୋ, ବିଚିତ୍ରାନନ୍ଦ ସେନାପତି, ବିଜୟ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ସୁର ଗନ୍ଧର୍ବ ନବ କିଶୋର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସେତୁବନ୍ଧର ବାର୍ଷିକୋତ୍ସବ

**ନୟାଗଡ଼ ଅଫିସ,୨୭।୧୨**

ନୟାଗଡ଼ ବ୍ଲକ ସଭାଗୃହରେ ସେତୁବନ୍ଧର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତା ଆସର ହୋଇଥିଲା। କବି ବସିରନ ବିବିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତା ଆସରରେ କବି ଚନ୍ଦ୍ର ବିଜୟୀ ମିଶ୍ର କବିତାର ସମୀକ୍ଷା କରିଥିବାବେଳେ ଗୀତାଶ୍ରୀ ପ୍ରୀୟମ୍ବଦା, ବିଭୂତି ମିଶ୍ର, ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ଇଞ୍ଜିନିୟର ଶିଶିର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ନାଇଜରର ଅଭୟ ନାୟକ, ସମ୍ମାନିତ ଅତିଥି ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ବିଶିଷ୍ଟ ପାଲା ଗାୟକ ମନୋଜ ମିଶ୍ର ଓ ପୀତବାସ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଉମେଶ ମହାପାତ୍ର, ଅଭୟ ନାୟକ, ପୀତବାସ ରାଉତରାୟ, ରାମକୃଷ୍ଣ ରଥ, ପରମାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦିକା ଉଷାମଣୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପଠାଣି ସାମନ୍ତଙ୍କ ପାଇଁ ସାରା ବିଶ୍ୱ ଗର୍ବିତ



ପାଠାଣି ସାମନ୍ତଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**ଖଣ୍ଡପଡ଼ା,୨୭।୧୨(ସ୍ୱ.ପ୍ର.)**

**ଖଣ୍ଡପଡ଼ାରେ ୧୮୭ତମ ଜୟନ୍ତୀ ପାଳିତ**

ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ । ଖଣ୍ଡପଡ଼ା ମାଟିରେ ଜନ୍ମ ହୋଇ ସମଗ୍ର ବିଶ୍ୱବାସୀଙ୍କୁ ନଭୋବିଜ୍ଞାନ ସମ୍ପର୍କରେ ସେ ଦିଗ୍‌ଦର୍ଶନ ଦେଇଥିଲେ। ତାଙ୍କ ପାଇଁ ସାରା ବିଶ୍ୱ ଗର୍ବିତ ବୋଲି ପଠାଣି ସାମନ୍ତଙ୍କ ୧୮୭ ତମ ଜୟନ୍ତୀ ଅବସରରେ ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସୋମବାର ତିଥି ଅନୁଯାୟୀ ସାମନ୍ତଙ୍କ ଜୟନ୍ତୀ ସାମାଜିକ ଅନୁଷ୍ଠାନ ମୁଁ ବଘେଲ ପକ୍ଷରୁ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ(ଦାସ ବେନହୁର)ଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ କୁଳମଣୀ ଷଡଙ୍ଗୀ ଓ ମୁଖ୍ୟବକ୍ତା ତିରୁପତି ବିଶ୍ୱ ବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ଭାରତ ଭୂଷଣ ରଥ ଯୋଗଦେଇ ସାମନ୍ତଙ୍କ କୃତୀ ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସମାବେଶରେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସମ୍ପକାର ଗିରିଜା ଶଙ୍କର ତରାସିଆ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ,ପଣ୍ଡିତ ମନୋଜ କୁମାର ଦାଶଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଖଣ୍ଡପଡ଼ାର ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁ କିଶୋର ସିଂହ ସାମନ୍ତ, ପରିବେଶବିତ୍ ତଥା ଗଛସାର ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ଆଇନଜୀବୀ ବିକ୍ରମ କେଶରୀ ଦେଓ ସଂଯୋଜନା କରିଥିଲେ ।

# ଶ୍ମଶାନ ଘାଟ ନ କରି ୮.୭୨ ଲକ୍ଷ ଆତ୍ମସାତ୍

**କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ଫେରାଦ**

**ନୟାଗଡ଼ ଅଫିସ,୨୭।୧୨**

ନୟାଗଡ଼ ଜିଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁନାଖଳା ଗାଁରେ ୮ ଲକ୍ଷ ୭୨ ହଜାର ଟଙ୍କାର ଫଳସ ବିଲ୍ ହୋଇଛି। ଶ୍ମଶାନ ଘାଟ ନିର୍ମାଣ ନ କରି ଏହି ଅର୍ଥ ଆତ୍ମସାତ୍ ହୋଇଛି ବୋଲି ଅତିରିକ୍ତ ବିଡିଓଙ୍କ ଜରିଆରେ ବିଡିଓଙ୍କୁ ଅଭିଯୋଗ କରାଯାଇଛି। ସୁନାଖଳାରେ ୩ ଓ ୪ନଂ. ୱାର୍ଡ ରହିଛି। ଏଠାରେ ୬୫୦ଜଣ ଲୋକ ବାସ କରନ୍ତି। ଏଠାକାର ଶ୍ମଶାନ ଘାଟ ପାଇଁ ୮ ଲକ୍ଷ ୭୨ ହଜାର ମଞ୍ଜୁର ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଅନଲାଇନ୍ ସାଇଟରେ ଦେଖିବା ପରେ ଗାଁ ଲୋକ ଅଭିଯୋଗ କରିଛନ୍ତି। ୭ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଗାଁ ଲୋକ ବ୍ଲକ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ସୁନାପୁର ବେଳାଭୂମିରେ ମୃତ ଅଲିଭ ରିଡ୍‌ଲେ

**ଚିକିଟି,୨୭।୧୨(ଡି.ଏନ.ଏ.)**

ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ସୋମବାର ଏକ ବିରାଟ ମୃତ ଅଲିଭ ରିଡଲେ କଇଁଛ ପଡିଥିବା ଦେଖିବାକୁ ମିଳିଛି। ଅଲିଭ ରିଡ଼ଲେ ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି ବେଳାଭୂମି ଠାରୁ ୫କିମି ଯାଏ ମୋଟର ଚଳିତ ଡଙ୍ଗା ଉପରେ ନିଷେଧ ରହିଥିଲା। ବନ ବିଭାଗକୁ କଡା ନିର୍ଦ୍ଦେଶ ସରକାର ଦେଇଥିବା ବେଳେ ଦିନକୁ ଶହ ଶହ ଡଙ୍ଗା ପ୍ରଚଳନ ହେବା ଫଳରେ ଅଲିଭ ରିଡଲେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବନ ବିଭାଗର ବେଖାତିର ଯୋଗୁ ଅଲିଭ ରିଡ଼ଲେ ଅସୁରକ୍ଷିତ ବୋଲି ଅଭିଯୋଗ ହୋଇଛି।

# ସରକାରୀ ବାସଗୃହ ପ୍ରତି ପ୍ରଶାସନର ଦୃଷ୍ଟିପଡୁ

**ଖଣ୍ଡପଡା,୨୭।୧୨(ସ୍ୱ.ପ୍ର)**



ସରକାରୀ ବାସଗୃହ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି।

ଖଣ୍ଡପଡା ସହରର ବିଭିନ୍ନ ସ୍ଥାନରେ ଥିବା ସରକାରୀ ବାସଗୃହ ଗୁଡିକ ପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ସମୟାନୁକ୍ରମେ ସେଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଅନାବନା ଗଛଲତାରେ ଭର୍ତ୍ତୀ ହୋଇ ରହିଥିବା ସରକାରୀ ବାସଗୃହ ଗୁଡିକରେ ବିଷଧର ସରୀସୃପମାନେ ବିଚରଣ କରୁଥିବାରୁ ସାଧାରଣରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହେଉଛି। ସୂଚନା ଯୋଗ୍ୟ ରାଜରାଜୁଡା ଅମଳରୁ ସରକାରୀ କର୍ମଚାରୀମାନଙ୍କ ରହିବା ନିମ' ବାସଗୃହ ନିର୍ମାଣ କରାଯାଇଥିଲା । ଦିର୍ଘବର୍ଷ ଧରି କର୍ମଚାରୀମାନେ ଉକ୍ତ ବାସଗୃହ ଗୁଡିକରେ ରହୁଥିଲେ । ମାତ୍ର ଆବଶ୍ୟକୀୟ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ବାସଗୃହ ଗୁଡିକ ବିପଦ ସଙ୍କୁଳ ହୋଇପଡିଥିବାରୁ ଉକ୍ତ ଗୃହ ଗୁଡିକରେ କେହିହେଲେ କର୍ମଚାରୀ ଆଉ ରହିବାକୁ ଉଚିତ ମଣିଲେ ନାହିଁ। ଫଳସ୍ୱରୁପ ବାସଗୃହ ଗୁଡିକ ଭୂତକୋଠିରେ ପରିଣତ ହେବାରେ ଲାଗିଲା । ବର୍ଷ ବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ସରକାରୀ ବାସଗୃହ ଗୁଡିକ ପଡିରହିଥିବାରୁ ସରକାରୀ କର୍ମଚାରୀମାନେ ବାଧ୍ୟ ହୋଇ ପରିସ୍ଥିତି ଦୃଷ୍ଟିରୁ ବାହାରେ ଘରଭଡା ନେଇ ରହୁଥିବା ଜଣାପଡିଛି।। କେହି କେହି ସରକାରୀ କର୍ମଚାରୀ ଦୈନିକ ନୟାଗଡରୁ ଖଣ୍ଡପଡାକୁ ବାଇକ ଓ ଯାନବାହନ ଯୋଗେ ଯିବା ଆସିବା କରୁଛନ୍ତି । ଏ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ଭୂତକୋଠି ପାଲଟିଥିବା ସରକାରୀ ବାସଗୃହ ଗୁଡିକର ପୁନଃଉଦ୍ଧାର ଦିଗରେ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବ୍ରହ୍ମପୁର ବଡ଼ ଡାକ୍ତରଖାନା ଆଗରେ ଭାଜପାର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୭।୧୨**

ବ୍ରହ୍ମପୁର ବଡ଼ ଡାକ୍ତରଖାନା ଆଗରେ ସୋମବାର ଗଞ୍ଜାମ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସମାବେଶ କରାଯାଇଥିଲା। ଦକ୍ଷିଣ ଓଡ଼ିଶାର ଏହି ରେଫରାଲ ହସ୍ପିଟାଲରେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ଅଭିଯୋଗ କରି ଏହି ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ୧୨ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେଡିକାଲ ଅଧୀକ୍ଷକଙ୍କୁ ଦିଆଯାଇଥିଲା। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଗଣଧାରଣା ସହ ଆନ୍ଦୋଳନକୁ ଜୋରଦାର କରାଯିବାର ଚେତାବନୀ ଦିଆଯାଇଛି। ଜିଲା ସଭାପତି ବିଭୂତି ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତି ନେତୃତ୍ୱ ନେଇଥିଲେ। ଉପସଭାପତି ରାମ କୁମାର ପାତ୍ର, ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# କଙ୍ଗାରୁ କୋର୍ଟର ନିର୍ଯାତନା

କଙ୍ଗାରୁ କୋର୍ଟ ବେଆଇନ । ହେଲେ ନୟାଗଡ଼ ଜିଲାର ବିଭିନ୍ନ ଥାନାଞ୍ଚଳରେ ଏପରି କୋର୍ଟ ବସି ଦୋଷୀସାବ୍ୟସ୍ତ ବ୍ୟକ୍ତି ଓ ପରିବାରକୁ କଠୋର ଦଣ୍ଡବିଧାନ କରାଯିବା ସହ ନିର୍ଯାତନା ଦିଆଯିବା ଘଟଣା ଚଳିତବର୍ଷର ଚର୍ଚ୍ଚିତ ଖବର ଥିଲା । ଜରିମାନା ନ ଦେଲେ ନିଆଁ ପାଣି ବନ୍ଦ ସହିତ ବାସନ୍ଦ କରାଯାଉଥିଲା । ପୋଲିସ ଓ ପ୍ରଶାସନ ଏ ସଂକ୍ରାନ୍ତରେ ଅଭିଯୋଗ ପାଇଲେ ମଧ୍ୟ ନୀରବ ରହିବା ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ବହୁ ପରିବାର ଏଥିପାଇଁ ଗାଁ ଛାଡ଼ିଥିଲେ । ଭାପୁର ବ୍ଲକ ଫତେଗଡ଼ ଗାଁରେ ଜଣେ ବିଧବାଙ୍କ ୮ମାସର ପୁଅକୁ ପରିବାର ଲୋକ ଜୋରଜବରଦସ୍ତ ରଖି ତାଙ୍କୁ ଘରୁ ବିଦା କରିଦେଇଥିଲେ । ପରଦିନ ଗାଁରେ କଙ୍ଗାରୁ କୋର୍ଟ ବସିଥିଲା । ସେଠାରେ ନିଷ୍ପତ୍ତି ଅନୁଯାୟୀ କୋର୍ଟ ପେପରରେ ଦସ୍ତଖତ କରାଯାଇ ସମ୍ପୃକ୍ତା ମହିଳାଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଆଜିର ସଭ୍ୟ ସମାଜକୁ ଚିନ୍ତାରେ ପକାଇଥିଲା ।

## ଆତ୍ମହତ୍ୟା କଲେ ଯୁବକ

ରଣପୁର ଥାନା ଖଡିଆ ଗାଁରେ କଙ୍ଗାରୁକୋର୍ଟର ନିଷ୍ପତ୍ତିରେ ମାନସିକ ଭାରସାମ୍ୟ ହରାଇ ସୁନନ୍ଦ ବେହେରା(୩୫) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା । ସେହିଭଳି ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଚଢ଼େୟାପଲ୍ଲି ଗାଁରେ ଜଣେ ବ୍ୟକ୍ତିଙ୍କ ୬ମାସ ତଳେ ମୃତ୍ୟୁ ହୋଇଥିଲା । ମୃତ ବ୍ୟକ୍ତିଙ୍କ ବୋହୂଙ୍କ ଦେହରେ ଠାକୁରାଣୀ ସବାର ହୋଇ କହିଥିଲେ ଗାଁର ୪ଜଣ ବ୍ୟକ୍ତି ଗୁଣି ଗାରେଡି କରି ଲୋକଙ୍କୁ ମାରୁଛନ୍ତି । ଏନେଇ ଗାଁରେ କଙ୍ଗାରୁକୋର୍ଟ ବସି ସନ୍ତୋଷ ନାୟକ, ବିଦ୍ୟା ନାୟକ, ଭରତ ନାୟକ, ବିମ୍ବରାଜ ସେଠୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ସେମାନଙ୍କୁ ଗାଁର ଏକ ଖୁଣ୍ଟିରେ ବାନ୍ଧି ବିଷ୍ଠା ଖାଇବାକୁ ବାଧ୍ୟ କରାଯାଇଥିଲା ।



# ଉଜୁଡ଼ିଲା ପାଚିଲା ଧାନ ଫସଲ

ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟ ନୟାଗଡ଼ ଚାଷୀଙ୍କ ବର୍ଷଯାକର ଫସଲ ଉଜାଡ଼ି ଦେଇଛି । ଅମଳ ସମୟରେ ବର୍ଷା ଧାନର ଗୁଣବତ୍ତାକୁ ନଷ୍ଟ କରିଛି । ଜିଲାରେ ୯୯ ହଜାର ୮୧୭ ହେକ୍ଟର ଜମିରେ ଭଲ ଧାନ ହୋଇଥିଲା । ସେପ୍ଟେମ୍ବର ମାସ ସୁଦ୍ଧା ୯୦ ପ୍ରତିଶତ ଜମିରେ ବେଉଷଣ ସରିଥିଲା । ନିଅଣ୍ଟିଆ ବର୍ଷା ଯୋଗୁ ନୟାଗଡ଼ ଜିଲାରେ ସେପ୍ଟେମ୍ବରରେ ମରୁଡ଼ି ପରିସ୍ଥିତି ଦେଖା ଦେଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଲଘୁଚାପ ବର୍ଷା ଚାଷୀ ପାଇଁ ସୁଫଳ ଆଣିଥିଲା । ଅମଳ କମିଥିଲେ ମଧ୍ୟ ଚାଷୀ ତାର ପରିଶ୍ରମ ପାଇବାକୁ ଚାଷୀ ଆଶା ରଖିଥିଲା । ହେଲେ ବାତ୍ୟା ପ୍ରଭାବ ବର୍ଷା ପାଚିଲା ଧାନ କ୍ଷେତରେ ବିଭୀଷିକା ସୃଷ୍ଟି କରିଥିଲା ।



# ପଦାର୍ଥ ବିଜ୍ଞାନୀ ତ୍ରିଲୋଚନଙ୍କ ବିଦାୟ



ନୟାଗଡ଼ ଜିଲାର ଗର୍ବ ଓ ଗୌରବ ତଥା ବିଶିଷ୍ଟ ବୈଜ୍ଞାନିକ ପଦ୍ମଭୂଷଣ ପ୍ରଫେସର ଡ. ତ୍ରିଲୋଚନ ପ୍ରଧାନ(୯୩)ଙ୍କ ପରଲୋକ ଚଳିତଚବର୍ଷର ପ୍ରମୁଖ ଖବର ଥିଲା । ତ୍ରିଲୋଚନ ରାଜ୍ୟର ଉଚ୍ଚ ଶିକ୍ଷା ଗବେଷଣା, ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ୧୯୨୯ ଜାନୁୟାରୀ ୩ ତାରିଖରେ ଖଣ୍ଡପଡା ବ୍ଲକ ବଡ ବାଣପୁର ପଞ୍ଚାୟତ କଣ୍ଟିଲୋ ନିକଟସ୍ଥ ଘଣାଳିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପଠାଣି ସାମନ୍ତଙ୍କ ପରେ ବିଶ୍ୱବିଖ୍ୟାତ ବିଜ୍ଞାନୀ ହେଉଛନ୍ତି ତ୍ରିଲୋଚନ ।

# ପରୀ ପରେ ବେବିନା ପାଳି



ନୟାଗଡ଼ ବ୍ଲକ୍ ଯଦୁପୁର ଗାଁର ପରୀ ହତ୍ୟା ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ି ନ ଥିବା ବେଳେ ଆଉ ଜଣେ ନାବାଳିକା ସେହି ଦଶା ଭୋଗିଛନ୍ତି । ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ନୂଆଗାଁ ପଞ୍ଚାୟତ ଧୁନ୍ଦୁଗାଡ଼ିଆ ଗାଁର ଏହି ୫ ବର୍ଷର ଶିଶୁକନ୍ୟାକୁ ବି ଚଳିତ ବର୍ଷ ବଳାତ୍କାର ପରେ ହତ୍ୟା କରାଯାଇଥିଲା । ବେବିନା ଗାଁ ଦାଣ୍ଡରେ ଖେଳୁଥିବାବେଳେ ଜୁନ୍୧୨ରେ ସେ ନିଖୋଜ ହୋଇଯାଇଥିଲା । ବହୁ ଖୋଜାଖୋଜି ପରେ ବି ତା'ର ଟେର ମିଳି ନ ଥିଲା । ଶେଷରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସେହି ଗାଁର ଜଣେ ନାବାଳକଙ୍କୁ ସନ୍ଦେହରେ ଧରିଥିଲା । ସେ ବେବିନାକୁ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିବା ପରେ ଏହି ଘଟଣା ଚଳିତ ବର୍ଷ ଚର୍ଚ୍ଚାର ବିଷୟ ହୋଇଥିଲା ।

**ଗତବର୍ଷ ପରି ଏବର୍ଷ ବି ନୟାଗଡ଼ ଦେଖିଥିଲା କରୋନାର କରାଳ ରୂପ । ନାନା କଟକଣା ଭିତରେ ବି ଆକ୍ରାନ୍ତଙ୍କ ସଂଖ୍ୟା ସହିତ ତାଳ ଦେଇ ବଢ଼ି ଚାଲିଥିଲା ମୃତ୍ୟୁ । ପ୍ରତିଦିନ ଚାଲିଥିଲା ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ । ଟିକାକରଣ ପାଇଁ ସବୁଠି ଲାଗିଥିଲା ଲମ୍ବା ଧାଡ଼ି। ସେହି ଘଡ଼ିସନ୍ଧି ସମୟର ବାଡ଼ ଡେଇଁ ଧୀରେ ଧୀରେ ସ୍ୱାଭାବିକ ହେଉଥିଲା ଜୀବନ । ତଥାପି ଡର ଛାଡ଼ି ନ ଥିଲା । ଏପରି ଦୁଃଖ ଭିତରେ ବି ଜିଲାରେ ଏକାଧିକ ଥର ବସିଥିଲା କଙ୍ଗାରୁ କୋର୍ଟ, ବେଆଇନ ଭାବେ ଚାଲିଥିଲା ଭ୍ରୂଣ ହତ୍ୟା, ମାନବିକତା ଭୁଲି ପରୀ ପରି କୁନିଝିଅ ବେବିନାକୁ କରାଯାଇଥିଲା ବଳାତ୍କାର ପରେ ହତ୍ୟା । ରାଜନୀତିର ପାଣିପାଗ ଭିତରେ ସରଗରମ ହୋଇଥିଲା ଶାନ୍ତିଲତା–ଗୟାଧର ବିବାଦ, ପ୍ରାକୃତିକ ବିପର୍ଯ୍ୟୟ ବି ଛାରଖାର କରିଥିଲା ଚାଷୀଙ୍କ ପାଚିଲା ଧାନକ୍ଷେତ ।**

# ଶାନ୍ତିଲତା-ଗୟାଧର ବିବାଦ





ଚଳିତବର୍ଷ ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଓ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ବିବାଦ ନୂଆ ମୋଡ଼ ନେଇଥିଲା । ଗୟାଧରଙ୍କ ଦୁର୍ନୀତି ପ୍ରସଙ୍ଗକୁ ନେଇ ଶାନ୍ତିଲତା ମୁହଁ ଖୋଲିବା ପରେ ତାଙ୍କୁ ଅନାସ୍ଥା ଭୋଟରେ ପରାଜୟ ହେବାକୁ ପଡ଼ିଥିଲା । ଶାନ୍ତିଲତା ହାରିବା ପରେ ପୁଣି ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଥିଲା । ଉପନିର୍ବାଚନରେ କେବଳ ଶାନ୍ତିଲତାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ପ୍ରାର୍ଥୀ ନ ଥିଲେ । ଏଭଳିସ୍ଥଳେ କୋରମ ନ ଥିବା ଦର୍ଶାଇ ନିର୍ବାଚନ ଅଧିକାରୀ ଉପନିର୍ବାଚନ ବନ୍ଦ ରଖିଥିଲେ ।

# ୪ ବର୍ଷ ଧରି ବଳାତ୍କାର

ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ବାପା ୪ବର୍ଷ ପରେ ନିଜ ଉଦ୍ୟମରେ ଚେନ୍ନାଇରୁ ଉଦ୍ଧାର କରିଥିଲେ । ସେହି ନାବାଳିକାଙ୍କୁ ୪ବର୍ଷ କାଳ ବଳାତ୍କାର କରାଯିବା ସହିତ ନିର୍ଯାତନା ଦିଆଯାଇଥିଲା । ଝିଅକୁ ଗୁରୁତର ଅବସ୍ଥାରେ ପାଇବା ପରେ ପୀଡ଼ିତାଙ୍କ ମା'ବାପା କ୍ରାଇମ୍‌ବ୍ରାଞ୍ଚକୁ ସୂଚନା ଦେଇଥିଲେ । କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କୁ ନିଜ ହେପାଜତକୁ ନେଇ ସୁରକ୍ଷା ବଳୟ ଭିତରେ ତଦନ୍ତ କରିଥିଲା । ଉକ୍ତ ନାବାଳିକା ସାଇକେଲରେ ଟିଉଶନ ଯାଉଥିବା ବେଳେ ୨୦୧୭ ଜୁନ୍‌ରେ ନିଖୋଜ ହୋଇଯାଇଥିଲେ ।



# ରୌପ୍ୟ ଝିଅ ଝିଲି

ଉଜ୍‌ବେକିସ୍ଥାନ ତାସକେଣ୍ଟରେ ଅନୁଷ୍ଠିତ ରାଜ୍ୟ ଗୋଷ୍ଠୀ ବରିଷ୍ଠ ଭାର ଉତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ମନୋନୀତ ନୟାଗଡ଼ର ଝିଅ ଝିଲି ଦଲବେହେରା ରୌପ୍ୟ ପଦକ ଜିତି ଦେଶ ପାଇଁ ସୁନାମ ଆଣିଛନ୍ତି । ଝିଲି ଏବେ ବୁଗୁଡ଼ା କନ୍ୟାଶ୍ରମରେ ରହି ପାଠ ପଢୁଛନ୍ତି ।

# ପୁଣି ଭ୍ରୂଣହତ୍ୟା

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପଛପାଖରେ ଥିବା ଏକ ଘରୋଇ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ରେ ଭ୍ରୂଣହତ୍ୟା କରାଯିବା ଘଟଣା ଚଳିତ ବର୍ଷର ପ୍ରମୁଖ ଖବର ଥିଲା । ଏହି ଘଟଣାରେ ଘରୋଇ ହସ୍ପିଟାଲର ମାଲିକଙ୍କ ସମେତ ୫ଜଣ ଜେଲ ଯାଇଛନ୍ତି । ସେହିପରି ଜଣେ ନକଲି ଡାକ୍ତରଙ୍କୁ ବି ଜେଲ ଯିବାକୁ ପଡ଼ିଛି । ବାହାଡାଝୋଲା ନିକଟବର୍ତ୍ତୀ ତୋଡିସାହିର ଜଣେ ଯୁବକ ନିଜ ସ୍ତ୍ରୀଙ୍କ ଗର୍ଭ ନଷ୍ଟ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ଦଲାଲ ସେହି ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭପାତ ହେବନି କହି ଏହି ଘରୋଇ ହସ୍ପିଟାଲ ଆଣିଥିଲେ । ସେଠାରେ ତାଙ୍କ ସ୍ତ୍ରୀଙ୍କ ଗର୍ଭପାତ କରାଇଥିଲେ ।

# ପରଲୋକରେ ପଦ୍ମଶ୍ରୀ ରାଧାମୋହନ



ଜୈବିକ କୃଷିର ପ୍ରମୁଖ ଉଦ୍ୟୋକ୍ତା, ଗାନ୍ଧିବାଦୀ, ବିଶିଷ୍ଟ ପରିବେଶବିତ୍, ଅର୍ଥନୀତିଜ୍ଞ ପ୍ରଫେସର ରାଧାମୋହନ(୭୮)ଙ୍କ ପରଲୋକ ଚଳିତବର୍ଷର ବଡ଼ ଖବର ଥିଲା। ୧୯୪୩ ଜାନୁୟାରୀ ୩୦ରେ ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ବଡ଼ସାହିରେ ଜନ୍ମ ଗ୍ରହଣ କରିଥିବା ରାଧାମୋହନ ଚାକିରିରୁ ଅବସର ନେବା ପରେ ନିଜ ବ୍ଲକର ରୋହିବାଙ୍କରେ ଜୈବିକ କୃଷି ପଦ୍ଧତିରେ ଚାଷ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୦ରେ ତାଙ୍କୁ ଓ ଝିଅ ସାବରମତୀଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଥିଲା ।

# ଜିଆଇ ଟ୍ୟାଗ୍ ଦାବି ଉଠିଲା



ନୟାଗଡ଼ର ପ୍ରସିଦ୍ଧ ଛେନାପୋଡ଼କୁ ଜୋଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ୍ ମାନ୍ୟତା ଦେବାକୁ ଦାବି ଉଠିଛି । ଭାରତ ସରକାରଙ୍କ ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ନିକଟରେ ଜିଆଇ ଟ୍ୟାଗ୍ ପ୍ରଦାନ ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରାଯାଇଛି । ପୋଡ଼ପିଠାକୁ ଆଖି ଆଗରେ ରଖି ଦଶପଲ୍ଲା ସାତପାଟଣା ଗ୍ରାମର ସୁଦର୍ଶନ ସାହୁ ନୟାଗଡ଼ରେ ଏହି ଛେନାପୋଡ଼ ପ୍ରଥମେ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥିଲେ । ତାଙ୍କ ଛେନାପୋଡ଼କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବହାର୍‌ଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଖାଇ ପ୍ରଶଂସା କରିଥିଲେ ।

# ନୟାଗଡ଼ ପୁଅର ରେକର୍ଡ





ଏସିଆ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଚଳିତ ବର୍ଷ ସ୍ଥାନ ପାଇଛି ଦିଆସିଲି କାଠିରେ ନିର୍ମିତ କୁନିରଥ । ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ମଥୁରାପୁରସାହିର ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ର ଶୁଭ୍ରାଂଶୁ ନାୟକଙ୍କ ଦ୍ୱାରା ନିର୍ମିତ ଏହି ୩ ରଥରେ ଚତୁର୍ଦ୍ଧାମୂର୍ତ୍ତି ବି ବସିଛନ୍ତି । ନନ୍ଦିଘୋଷ ରଥର ଉଚ୍ଚତା ୨.୯ ଇଞ୍ଚ, ତାଳଧ୍ୱଜ ୩ ଇଞ୍ଚ, ଦର୍ପଦଳନର ଉଚ୍ଚତା ୨.୮ ଇଞ୍ଚ । ଏହା ସବୁଠାରୁ କୁନିରଥ ବୋଲି ଶୁଭ୍ରାଂଶୁ ଦାବି କରି ନୟାଗଡ଼ ପାଇଁ ଚଳିତ ବର୍ଷ ଗୌରବ ଆଣିଛନ୍ତି ।

## ଦିଆସିଲି କାଠିରେ କୁନିରଥ

